Click Here & Upgrade
Expanded Features
Unlimited Pages
PDF Complete Documents



ବିଷୟ ଖୋଲାଯାଇ ପିଲାମାନଙ୍କୁ ଶିକ୍ଷା ପ୍ରଦାନ ଆରମ୍ଭ କରାଗଲା । ଶିକ୍ଷାର ଉଚ୍ଚତର ବିକାଶ ପାଇଁ ଏହି ସମୟରେ ଉନ୍ନତ କମ୍ପ୍ୟୁଟର ପ୍ରୟୋଗଶାଳା, ବାୟୋଟେକ୍‌ନୋଲୋଜି ପ୍ରୟୋଗଶାଳା ସ୍ଥାପନ କରାଯିବା ସହିତ ଏକ ସ୍ୱତନ୍ତ୍ର ଲାଇବ୍ରେରୀ ଗୃହ ସ୍ଥାପନ କରାଯାଇଛି । ଏଥିପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଅର୍ଜୁନ ଚରଣ ସେଠୀ ଏବଂ ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ବିଶିଷ୍ଟ ଐତିହାସିକ ପ୍ରଫେସର ମନ୍ମଥ ନାଥ ଦାସଙ୍କ ସାହାଯ୍ୟ ଏହି ବିଶ୍ୱବିଦ୍ୟାଳୟ ଭୁଲିପାରିବ ନାହିଁ । ଏବେ ସୁଦ୍ଧା UGCର 12(B) Act ପୂରଣ କରିପାରିନଥିବାରୁ ଏହା UGCରୁ କୌଣସି ଅନୁଦାନ ପାଇପାରିନାହିଁ । ଓଡ଼ିଶାରେ ବିଜେଡ଼ି ଓ ବିଜେପି ସରକାର ଆସିବା ପରେ ଏହି ବିଶ୍ୱବିଦ୍ୟାଳୟକୁ ବ୍ୟାସବିହାରଠାରେ ୬ ଏକର ଓ ମିତ୍ରପୁରଠାରେ ୭୩ ଏକର ଜମି ଯୋଗାଇ ଦେଇଥିଲେ ଏବଂ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ପାଇଁ ୨୫ଟି Teaching Post ଦେଇଥିଲେ ।

ପର ମୁହୂର୍ତ୍ତରେ ୨୦୦୩ ସେପ୍ଟେମ୍ବର ମାସ ଅଧା ସମୟରୁ ପ୍ରଫେସର ଶୁକଦେବ ନନ୍ଦ କୁଳପତି ରୂପେ ଯୋଗଦାନ କଲାପରେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାର ବିକାଶ କ୍ଷେତ୍ରରେ ବହୁମାତ୍ରାରେ ଅଗ୍ରଗତି କରିପାରିଛି । ତାଙ୍କ ସମୟରେ ମିତ୍ରପୁରଠାରେ ୭୩ ଏକର ଜମି ଅଧିଗ୍ରହଣ ହେବା ସହିତ ୩୦ଟି Teaching Postକୁ ନେଇ ୫ଟି ସ୍ଥାୟୀ ନିଯୁକ୍ତିଭିତ୍ତିକ ସ୍ନାତକୋତ୍ତର ବିଭାଗ ଖୋଲାଯାଇଛି । ଏହି ସମୟରେ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀରେ ପୁସ୍ତକ ସଂଖ୍ୟା ବୃଦ୍ଧି ପାଇଥିଲାବେଳେ ସ୍ୱର୍ଗତଃ ମଇଉଦ୍ଦିନଙ୍କ ନାମରେ ଏକ ଉଦ୍ୟାନ 'ଓରିପ୍ଲାଷ୍ଟ' ସହାୟତାରେ ସ୍ଥାପନ କରାଯାଇଛି । ବାଲେଶ୍ୱରରେ ଆଇ.ଟି. ଓ ପ୍ରୟୋଗାତ୍ମକ ଶିକ୍ଷାର ବିକାଶ ପାଇଁ ସି.ଏମ୍.ସି. ସଂସ୍ଥା ତଥା R.J. School of Management ସହାୟତାରେ ଚୁକ୍ତିଭିତ୍ତିକ କେତେକ ଶିକ୍ଷା ପ୍ରଦାନ ଏହି ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଉଅଛି । ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥା ଜରିଆରେ କମ୍ପ୍ୟୁଟର, ମ୍ୟାନେଜମେଣ୍ଟ ତଥା ଏଚ୍.ଆଇ.ଭି. ଉପରେ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି । ପରୀକ୍ଷା ନିୟନ୍ତ୍ରକ ତଥା ଉକ୍ତ ବିଭାଗର କର୍ମଚାରୀଙ୍କ ଉଦ୍ୟମରେ ଲଗାତର ଗତ କିଛି ବର୍ଷ ଧରି ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ପ୍ରଥମେ ଡିଗ୍ରୀ ରେଜଲ୍ଟ ପ୍ରକାଶ କରି ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛି ।

ୟୁ.ଜି.ସି. ତଥା କେନ୍ଦ୍ର ସରକାରଙ୍କର ବିନା ଆର୍ଥିକ ସହାୟତାରେ ଏହାର କୁଳପତି ଓ କୁଳସଚିବ କିପରି ବିଶ୍ୱବିଦ୍ୟାଳୟଟିକୁ ଚଳାଇଛନ୍ତି, ତାହା ଏକ ଆଶ୍ଚର୍ଯ୍ୟର ବିଷୟ । ସରକାର ଦେଉଥିବା ଅନୁଦାନ ସମୁଦ୍ରକୁ ଶଙ୍ଖେ ପରି ମନେ ହେଉଥିଲାବେଳେ ଏହାର ଆର୍ଥିକ ବିକାଶ ଉପରେ ଅଧିକ ଧ୍ୟାନ ଦେବା ଦରକାର । ଏହାର କର୍ମଚାରୀଙ୍କ ସଂଖ୍ୟାବୃଦ୍ଧି ନିହାତି ଆବଶ୍ୟକ ହୋଇଥିବାବେଳେ ଏଠାରେ ଥିବା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ।

ତେବେ ଶେଷରେ ଆଜି ପରି ଏହି ଶୁଭ ଦିବସରେ ସମସ୍ତ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଅଫିସର ଏକତ୍ରିତ ହୋଇ ଏହାକୁ ଆଗେଇ ନେବାର ଶପଥ ନେବା ସହିତ ଏହାର ପ୍ରଗତିରେ ସାହାଯ୍ୟ କରିବା ଉଚିତ । କେବଳ ବିଶ୍ୱବିଦ୍ୟାଳୟର କର୍ମଚାରୀ ନୁହଁନ୍ତି, ସମଗ୍ର ବାଲେଶ୍ୱର ଓ ଭଦ୍ରକବାସୀ, ଏହାର ରାଜନେତା, ଛାତ୍ରଛାତ୍ରୀ, ସମାଜସେବୀ, ଓକିଲ, ଡାକ୍ତର ପୁଣିଥରେ ପୂର୍ବଭଳି ସଂଗ୍ରାମ କରି ଏହାର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ୍ । ଯାହାଦ୍ୱାରା କି ଏହା ଉତ୍କଳ ବିଶ୍ୱବିଦ୍ୟାଳୟ, ଜବାହରଲାଲ ବିଶ୍ୱବିଦ୍ୟାଳୟ ପରି ଏକ ବିଶ୍ୱବିଦ୍ୟାଳୟ ହୋଇପାରିବ ।

ଫକୀରମୋହନ ବିଶ୍ୱବିଦ୍ୟାଳୟ
ବ୍ୟାସ ବିହାର, ବାଲେଶ୍ୱର

---

# ସେକାଳର ବିଷଚାରା

ବସନ୍ତ କୁମାର ଦେବ

ଅନେକ ବରଷ ତଳେ ଦରିଆ ସେପାରି ଦେଶୁ ଆସିଥିଲା ବିଦେଶୀ ବଣିକ
ମେଲିବାକୁ ବଣିଜ ପସରା ସାଥେ ନେଇ ଭାଇ ବନ୍ଧୁ କୁଟୁମ୍ବ ଅନେକ ।
କପଟାଚାରୀ ଫିରିଙ୍ଗି ହୃଦେ ଭରି ଛଳନାର ହଳାହଳ ବିଷ
ଏ ମାଟିର ସନ୍ତାନଙ୍କୁ ମଧୁବୋଳା କଥା କହି କରିଦେଲା ବଶ ।
ଜାଣେନା ଛନ୍ଦ କପଟ ଶାନ୍ତ ସରଳ ସ୍ନେହୀ ଏ ମାଟି ସନ୍ତାନ
ଆପଣାର ବନ୍ଧୁ ମଣି ବିଦେଶୀଙ୍କୁ ସସମ୍ମାନେ କଲା ଆଲିଙ୍ଗନ ।
ଧୀରେ ଧୀରେ ଏ ପବିତ୍ର ଭୂମିରେ ଗଢ଼ି ସୁଦୃଢ଼ ଆସ୍ଥାନ ନିଜର
କଳେ ବଳେ କୌଶଳେ ହାତେଇ ନେଲା ଶାସନର ବାଗ୍‌ଡୋର ।
ବନ୍ଧୁ ଅପମାନ ଲାଞ୍ଛନା କଷଣ ସହି ସହି ଏ ଭାରତବାସୀ
ଭାରତମାତାର ବନ୍ଧନ କାଳେ ନୀରବରେ ଲୋତକ ଢାଳିଲେ ବସି ।

ଏ କାଳେ ଆସିଲେ ଦେବଦୂତ ଜଣେ ମୋହନ ମୁରଲୀ ବାଇ
ଭାରତୀୟ ଜନଗଣଙ୍କୁ କହିଲେ - ଡର ନାହିଁ ଡର ନାହିଁ ।
ତୋପ ଗୁଳିଗୁଳା ବନ୍ଧୁକ ଆଗରେ ଅହିଂସା ଆମର ମନ୍ତ୍ର
ସତ୍ୟାଗ୍ରହୀ ସାଜି ମାଡ଼ିଚାଲ ସର୍ବେ ଲୋଡ଼ା ନାହିଁ ଅନ୍ୟ ଯନ୍ତ୍ର ।
ମହାତ୍ମା ଗାନ୍ଧୀଙ୍କ ବଚନେ ଭାରତ ସନ୍ତାନ କରିଲେ ପଣ
ମାଆର ମୁକ୍ତି ସମରରେ ପ୍ରାଣ କରି ଦେବେ ବିସର୍ଜନ ।
ନାହିଁ ଜାତିଭେଦ ନାହିଁ ଧର୍ମଭେଦ ସଭିଏଁ ହୋଇଲେ ଏକ
ସଂଗ୍ରାମୀ ସାଜି ଆଗେଇ ଚାଲିଲେ ରଖିବେ ମାଆର ଟେକ ।

ଘର ନଂ- ଇ/୭୫
ଇ-କଲୋନୀ, ୟୁନିଟ୍-୮, ଭୁବନେଶ୍ୱର